Prameya 08.04.2021

# ସାହିତ୍ୟ ଅକାଦେମିର 'ନାରୀଚେତନା' କାର୍ଯ୍ୟକ୍ରମ

କଟକ,୭।୪(ବ୍ୟୁରୋ): ନୂଆଦିଲ୍ଲୀ ସ୍ଥିତ ସାହିତ୍ୟ ଅକାଦେମି ପକ୍ଷରୁ ଓଡ଼ିଶାର ନାରୀ ପ୍ରତିଭାମାନଙ୍କୁ "ନାରୀଚେତନା' ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ନାରୀ ପ୍ରତିଭାମାନେ ଜାତୀୟ ଜୀବନକୁ ଆଲୋକିତ କରିବାସହ ଦେଶ ଓ ଜାତିର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପାଦନ କରିଛନ୍ତି। ସେମାନଙ୍କ କର୍ତ୍ତବ୍ୟଧାରା ଉତ୍ତର ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇଛି ବୋଲି ଏହି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଦୀପ୍ତି ଦାଶ, ଯୁଗଶ୍ରୀ ଯୁଗନାରୀ ପତ୍ରିକାର ସଂପାଦକ ମମତା ମହାପାତ୍ର ଓ ଲେଖିକା ଡକ୍ଟର ସଂଘମିତ୍ରା ଭଞ୍ଜ ଯୋଗଦେଇ ନିଜ ଅନୁଭୂତିକୁ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ସାହିତ୍ୟ ଅକାଦେମି ପୂର୍ବାଞ୍ଚଳ ଶାଖାର ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସାହିତ୍ୟ ଅକାଦେମିର 'ନାରୀଚେତନା' କାର୍ଯ୍ୟକ୍ରମ

Sambad 09.04.21

କଟକ, ୮/୪ (ଇମିସ): ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ ପକ୍ଷରୁ 'ନାରୀଚେତନା' କାର୍ଯ୍ୟକ୍ରମ ଓଡ଼ିଶାର ନାରୀ ପ୍ରତିଭାମାନଙ୍କୁ ନେଇ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ନାରୀ ପ୍ରତିଭାମାନେ ଜାତୀୟ ଜୀବନକୁ ଆଲୋକିତ କରିବା ସହ ଦେଶ ଓ ଜାତିର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପାଦନ କରିଛନ୍ତି । ସେମାନଙ୍କ କର୍ତ୍ତବ୍ୟଧାରା ଉତ୍ତର ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇଛି ବୋଲି 'ନାରୀଚେତନା' କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଦୀପ୍ତି ଦାଶ, ଯୁଗଶ୍ରୀ ଯୁଗନାରୀ ପତ୍ରିକାର ସଂପାଦକ ମମତା ମହାପାତ୍ର ଓ ଲେଖିକା ଡ. ସଂଘମିତ୍ରା ଭଞ୍ଜ ଯୋଗଦେଇ ସ୍ୱକୀୟ ଉପଲବ୍ଧି ଓ ଅନୁଭବକୁ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଦେଇଥିଲେ । ସାହିତ୍ୟ ଅକାଦେମି ପୂର୍ବାଞ୍ଚଳ ଶାଖାର ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।